# Akashvani, Sambalpur

## SAMBALPURI NEWS EVENING BULLETIN

## 23 May 2025- 7.02 pm- 7.12 pm.

*******************************************

୧- ନୀତି ଆୟୋଗ୍ ବୈଠକ୍‌ଥି ଯୋଗ୍ ଦେବାର୍‌କେ ଆଏଜ୍ ନୂଆଦିଲ୍ଲୀ ଯିବେ ମୁଖ୍ୟମନ୍ତ୍ରୀ ।

୨- ଢେଙ୍କାନାଲ୍ ଜିଲ୍ଲା କାମାକ୍ଷାନଗର୍ ନ କେନ୍ଦ୍ରୀୟ ବିଦ୍ୟାଲୟ ସହେତେ ଶହେ ୩୩ କୋଟି ଟଙ୍କାର ଭିନ୍ ଭିନ୍ ପ୍ରକଳ୍ପର୍ ଉଦ୍‌ଘାଟନ୍ ଆଉ ଶିଳାନ୍ୟାସ୍ କଲେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ।

୩- ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ନ ପୁରୀ ଗୋବର୍ଦ୍ଧନ୍ ପୀଠର୍ ସଂରକ୍ଷଣ୍ ଆଉ ସୁରକ୍ଷାର୍ ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ ।

ଆଉର୍

୪- ବଙ୍ଗୋପ୍‌ସାଗର୍‌ର ପଶ୍ଚିମ କେନ୍ଦ୍ରୀୟ ଆଉ ତାର୍ ପାଖର୍ ଉତର୍ ଇଲାକା ନ ଆଏବା ୨୭ ତାରିଖ୍ ସୃଷ୍ଟି ହେଇପାରେ ଲଘୁଚାପ୍- ଅନୁମାନ୍ କଲା ପାଣିପାଗ୍ କେନ୍ଦ୍ର ।

ମୁଖ୍ୟମନ୍ତ୍ରୀ-ଦିଲ୍ଲୀ ଗସ୍ତ ଆର୍‌ଏନ୍‌ୟୁ/ ସମ୍ବଲପୁର

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର ଅଧ୍ୟକ୍ଷତାଥି ଆଏବାକାଏଲ୍ ନୀତି ଆୟୋଗ୍‌ର ୧୦ ନମ୍ବର ବାର୍ଷିକ୍ ପ୍ରବନ୍ଧକ୍ ପରିଷଦ୍‌ର ବୈଠକ୍ ବସ୍‌ବା । ବୈଠକ୍‌ଥି ବିକଶିତ୍ ରାଜ୍ୟ ଲାଗି ବିକଶିତ୍ ଭାରତ୍ ବାବ୍‌ଦେ ଆଲୋଚନା କରାଯିବାର୍ ସହେତେ କାର୍ଯ୍ୟଖସଡ଼ା ବନାବାର୍ ଉପ୍‌ରେ ଆଲୋଚନା ହେବା । ବଛର୍‌କ ଥରେ ହଉଥିବା ଇ ବୈଠକ୍‌ଥି ଭିନ୍ ଭିନ୍ ରାଜ୍ୟର୍ ମୁଖ୍ୟମନ୍ତ୍ରୀମାନେ ଯୋଗ୍‌ଦେବେ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବୈଠକଥି ଯୋଗ୍ ଦେବାର୍ ଲାଗି ଆଏଜ୍ ନୂଆଦିଲ୍ଲୀ ଯାତ୍ରା କର୍‌ବାର୍ କାର୍ଯ୍ୟକ୍ରମ ରହିଛେ ।

ଧର୍ମେନ୍ଦ୍ର ପ୍ରଧାନ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ଆଏଜ୍ ଢେଙ୍କାନାଲ୍ ଜିଲ୍ଲା କାମାକ୍ଷାନଗର୍ ଠାନେ କେନ୍ଦ୍ରୀୟ ବିଦ୍ୟାଳୟ ସହେତେ ଶହେ ୩୩ କୋଟିନୁ ଅଏତ୍‌କା ଟଙ୍କାର୍ ଭିନ୍ ଭିନ୍ ପ୍ରକଳ୍ପର୍ ଲୋକାର୍ପଣ୍ ଆର୍ ଶିଳାନ୍ୟାସ୍ କରିଛନ୍ । ଶ୍ରୀ ପ୍ରଧାନ୍ କାମାକ୍ଷା ନଗର୍ କେନ୍ଦ୍ରୀୟ ବିଦ୍ୟାଳୟର୍ ଅସ୍ଥାୟୀ କେମ୍ପସ୍

ଲୋକାର୍ପଣ କର୍‌ବାର୍ ସହେତେ ଜନ୍ତାରିବୋଲ ଠାନେ ୩୦ କୋଟି ଟଙ୍କାଥି ତିଆର୍ ହେବାର୍‌କେ ଥିବା ସ୍ଥାୟୀ କେମ୍ପସ୍ ଲାଗି ଭୂମିପୂଜା କରିଛନ୍ । ବାଇସିଙ୍ଗା ଠାନେ ୫୩ ନମ୍ବର୍ ଜାତୀୟ ରାଜପଥର କାମାକ୍ଷାନଗର୍ ବାଇପାସ୍‌ନୁ ଡୁବୁରୀ ସେକ୍ସନ୍‌ତକ୍ ତିଆର୍ ହେଇଥିବା ଓଭର୍‌ବ୍ରିଜ୍‌ର ଲୋକାର୍ପଣ୍ କରିଛନ୍ । କେନ୍ଦ୍ର ଆଉ ରାଜ୍ୟ ସର୍‌କାର୍‌ଙ୍କର୍ ମିଲିତ୍ ଚେରେଷ୍ଟାଥି ଉଦ୍‌ଘାଟିତ୍ ଆଉ ଶିଲାନ୍ୟାସ୍ ହେଇଥିବା ଇ ପ୍ରକଳ୍ପମାନେ ଢେଙ୍କାନାଲ୍ ଜିଲ୍ଲାକେ ବିକଶିତ୍ କର୍‌ବା ବଲି ଶ୍ରୀ ପ୍ରଧାନ୍ କହିଛନ୍ ।

ଗୋବର୍ଦ୍ଧନ୍ ପୀଠ- ମୁଖ୍ୟମନ୍ତ୍ରୀ ସମୀକ୍ଷା ସିଏମ୍‌ଓ

ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ଠାନେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଏଜ୍ ପୁରୀ ଶଙ୍କରାଚାର୍ଯ୍ୟଙ୍କର୍ ଗୋବର୍ଦ୍ଧନ୍ ପୀଠର୍ ସଂରକ୍ଷଣ୍ ଆଉ ବିକାଶ୍ ବାବଦ୍ ସମୀକ୍ଷା କରିଛନ୍ । ବୈଠକ୍‌ଥି ଗୋବର୍ଦ୍ଧନ୍ ପୀଠର୍ ସୁରକ୍ଷା ଆଉ ସଂରକ୍ଷଣ୍, ସବୁ ଆଘର୍ ଆଚାର୍ଯ୍ୟମାନ୍‌କର୍ ସମାଧୀ ସ୍ଥଲ୍‌ର ସୁରକ୍ଷା, ଜଗତ୍‌ଗୁରୁଙ୍କର୍ ସୁରକ୍ଷା ବ୍ୟବସ୍ଥା, ଗୋବର୍ଦ୍ଧନ୍ ଗୋଶାଲାର୍ ବିକାଶ୍ ଆର୍ ମହୋଦଧି ସନ୍ଧ୍ୟା ଆଲ୍‌ତୀ ଜାଗାର୍ ବିକାଶ୍ ବାବ୍‌ଦେ ଆଲୋଚନା କରାଯାଇଛେ । ସବୁ ବିଭାଗ୍

ଭିତ୍‌ରେ ତାଲ୍‌ମେଲ୍ ରଖିକରି ପାଠର୍ ସଂରକ୍ଷଣ୍ ଦିଗେ କାମ୍ କର୍‌ବାର୍‌କେ ମୁଖ୍ୟମନ୍ତ୍ରୀ ବିଭାଗୀୟ ଅଧିକାରୀମାନ୍‌କୁ ନିର୍ଦ୍ଦେଶ୍ ଦେଇଛନ୍ ।

କୋଟିଆ କମିଟି-ରାଜସ୍ୱ ମନ୍ତ୍ରୀ ଆର୍‌ଏନ୍‌ୟୁ/ ସମ୍ବଲପୁର

କୋରାପୁଟ୍ ଜିଲ୍ଲା ପଟାଙ୍ଗୀ ବ୍ଲକ୍ କୋଟିଆ ପଂଚାୟତ୍‌ର ସର୍ବାଙ୍ଗୀନ୍ ବିକାଶ ଲାଗି ଆଏବା ମାସର୍ ୩ ତାରିଖ୍ ୧୬ ଝନିଆ କମିଟିର୍ ପହେଲା ବୈଠକ୍ ହେବା ବଲି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ । କୋଟିଆ ଲାଗି ଦୀର୍ଘ ଆଉ ସ୍ୱଳ୍ପ ମିଆଦୀ ଯୋଜ୍‌ନା ତିଆର୍ କରାଯିବା । ଇଥିର୍ ଲାଗି ସ୍ୱତନ୍ତ୍ର ଅଧିକାରୀମାନେ ନିଯୁକ୍ତ ହେବେ ବଲି ରାଜସ୍ୱ ମନ୍ତ୍ରୀ କହିଛନ୍ ।

ମତଦାନ୍ କେନ୍ଦ୍ର-ଭୋଟର୍ ସଂଖ୍ୟା ଆର୍‌ଏନ୍‌ୟୁ/ ସମ୍ବଲପୁର

ଗୁଟେ ମତଦାନ୍ କେନ୍ଦ୍ର ନ ଭୋଟର୍ ସଂଖ୍ୟା ୧୫ ଶହ ନୁ ୧୨ ଶହ କେ କମ୍ କର୍‌ବାର୍‌କେ ଭାରତୀୟ ନିର୍ବାଚନ୍ ଆୟୋଗ୍ ଘୋଷ୍‌ନା କରିଛନ୍ । ଆୟୋଗ୍‌ର ଇ ପଦକ୍ଷେପ୍ ମତଦାନ୍ କେନ୍ଦ୍ରମାନ୍‌କେ ଭିଡ୍ କମାବାର୍ ଆଉ ବୁଥ୍ ମାନ୍‌କେ ଲୁକ୍‌କୁ

ବେଶି ସମିଆ ନାଇଁ ଅଟ୍‌କାବାର୍ ଲାଗି ଆୟୋଗ୍ ଇ ପଦକ୍ଷେପ୍ ନେଇଥିବାର୍ ଜନାପଡ଼ିଛେ । ଇତାର୍‌ସହେତେ ସହରୀ ଇଲାକାମାନ୍‌କେ ବଡ଼ ମହଲା କୋଠା ଆଉ କଲୋନୀମାନ୍‌କେ ଭିଡ୍‌କେ ନଜର୍‌ଥି ରଖିକରି ଅଏତ୍‌କା ମତଦାନ୍ କେନ୍ଦ୍ର ବ୍ୟବସ୍ଥା କର୍‌ବାର୍‌କେ ଚିନ୍ତା କରାଯାଉଛେ । ମତଦାନ୍‌କେ ସୁବିଧାଜନକ୍ ଆଉ ସରଲ୍ କର୍‌ବାର୍ ଲାଗି ଇସବୁ ପଦକ୍ଷେପ୍ ନିଆଯାଉଛେ ବଲି ଆୟୋଗ୍ ତର୍‌ଫୁ ବାହାରିଥିବା ବିଜ୍ଞପ୍ତିଥି କୁହାଯାଇଛେ ।

ମନ୍ କି ବାତ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା ରଏବାର୍ ସଖାଲର୍ ୧୧ ବଜେ ଆକାଶ୍‌ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଜରିଏ ଦେଶ୍ ଆଉ ଦୁନିଆସାରା ଲୁକ୍‌କର୍ ସାଙ୍ଗେ ବିଚାର୍ ବିନିମୟ କର୍‌ବେ । ଇଟା ତାଙ୍କର୍ ଶହେ ୨୨ ନମ୍ବର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ହେବା ।

ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଆକାଶ୍‌ବାଣୀ ଆଉ ଦୂର୍‌ଦର୍ଶନ୍ ଜରିଏ ଆର୍ ଏଆଇଆର୍ ନ୍ୟୁଜ୍ ୱେବ୍‌ସାଇଟ୍ 'ନ୍ୟୁଜ୍ ଅନ୍ ଏଆଇଆର୍' ମୋବାଇଲ୍ ଆପ୍‌ଥି ପ୍ରସାରଣ୍ କରାଯିବା । ଆକାଶ୍‌ବାଣୀ ସମ୍ବାଦ, ଡିଡି ନ୍ୟୁଜ୍, ପିଏମ୍‌ଓ ଅଫିସ୍,

ସୂଚନା ଆଉ ପ୍ରସାରଣ୍ ମନ୍ତ୍ରଣାଲୟର ୟୁ-ଟ୍ୟୁବ୍ ଚେନାଲ୍ଥି ଭିଲ୍ ଇଟା ପ୍ରସାରଣ୍ କରାଯିବା । ପ୍ରଧାନ୍‌ମନ୍ତ୍ରୀଙ୍କର୍ ହିନ୍ଦୀ ଅଭିଭାଷଣ୍ ଉତ୍ରୁ ଆଂଚଲିକ୍ ଭାଷାଥି ଇତାର୍ ପ୍ରସାରଣ୍ କରାଯିବା । ସେହିଦିନ ରାତିର୍ ୮ ବଜେ ଆଂଚଲିକ୍ ଭାଷାନ୍ତରଣ୍‌ର ଫେର୍‌ଘାଏ ପ୍ରସାରଣ୍ କରାଯିବା ।

ନୂଆଁ ଅବକାରୀ ନୀତି ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ଜୁନ୍ ୧୫ ନୁ ୨୦ ତାରିଖ୍ ଭିତ୍‌ରେ ସର୍‌କାର୍ ନୂଆଁ ଅବକାରୀ ନୀତି ଆନ୍‌ବେ ବଲି ବିଭାଗୀୟ ମନ୍ତ୍ରୀ ପୃଥ୍ୱୀରାଜ୍ ହରିଚନ୍ଦନ୍ କହିଛନ୍ । ଇ ବାବ୍‌ଦେ ସୂଚ୍‌ନା ଦେଇକରି ମନ୍ତ୍ରୀ କହିଛନ୍, ନୂଆଁ ଅବକାରୀ ନୀତିର୍ ଅବଧି ୩ ବଛର୍ ରହେବା । ଅବକାରୀ ନୀତିକେ ବର୍‌କସ୍ ଆର୍ ବ୍ୟବସ୍ଥିତ୍ କର୍‌ବାର୍‌କେ ବିଭାଗ୍ ଉଦ୍ୟମ୍ କରୁଛେ । ସେଥିର୍‌ଲାଗି ବିଭାଗ୍‌ର ବହୁତ୍‌ଟେ ଟିମ୍ ଭିନ୍ ଭିନ୍ ରାଜ୍ୟକେ ଯାଇକରି ସେନ କାର୍ଯ୍ୟକାରୀ ହେଉଥିବା ଅବକାରୀ ନୀତିର୍ ସମୀକ୍ଷା କରୁଛନ୍ । ଆଏବା ୩ ତାରିଖ୍ ବିଭାଗୀୟ ସଚିବଙ୍କର୍ ନେତୃତ୍ୱଥି ଭିଲ୍ ଗୁଟେ ଟିମ୍ ଆନ୍ଧ୍ରପ୍ରଦେଶ୍ ଯିବେ ବଲି ଅବକାରୀ ମନ୍ତ୍ରୀ କହିଛନ୍ ।

ଫଂଚାୟତିରାଜ୍ ମନ୍ତ୍ରୀ-ସୁବର୍ଣ୍ଣପୁର୍ ସୁବର୍ଣ୍ଣପୁର୍ ସମ୍ବାଦଦାତା

ଗ୍ରାମ୍ୟ ଉନ୍ନୟନ ଆଉ ଫଂଚାୟତିରାଜ୍ ମନ୍ତ୍ରୀ ରବିନାରାୟଣ ନାଏକ୍ ଆଏଜ୍ ଦିନ୍‌କିଆ ସୁବର୍ଣ୍ଣପୁର ଜିଲ୍ଲା ଗସ୍ତ କରି କରି ଭିନ୍ ଭିନ୍ କାର୍ଯ୍ୟକ୍ରମ୍‌ଥି ଯୋଗ୍ ଦେଇଛନ୍ । ବୀରମହାରାଜପୁର ବ୍ଲକ୍ ଚମ୍ପାମାଲ ଗାଁନ ଗୁଟେ ଅଙ୍ଗନୱାଡ଼ି କେନ୍ଦ୍ର, ଜିଲ୍ଲା ଗ୍ରାମୀଣ ବିକାଶ, ରାସ୍ତା ନିର୍ମାଣ, ମହିଳାଙ୍କର ଉନ୍ନତି ଆଉ ପିଇବାର୍ ପାଏନ୍ ପ୍ରକଳ୍ପ ସହେତେ ପାଖାପାଖି ଶହେ କୋଟି ଟଙ୍କାର୍ ଭିନ୍ ଭିନ୍ ପ୍ରକଳ୍ପର୍ ଉଦ୍‌ଘାଟନ୍ କରିଛନ୍ । ସେନ୍ତା ଉଲୁଣ୍ଡା ବ୍ଲକ୍ ପଲାସ୍‌ଠାନେ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜ୍‌ନାଥି ପାଖାପାଖି ୮ କୋଟି ଟଙ୍କାର ରାସ୍ତା କାମ୍‌ର ଶିଳାନ୍ୟାସ୍ କରିଛନ୍ । ବୀରମହାରାଜପୁର ଆଉ ବିନ୍‌କା ବ୍ଲକ୍ ନ ବହୁତ୍‌ଟେ ଉନ୍ନୟନ୍ ପ୍ରକଳ୍ପର ଶିଳାନ୍ୟାସ୍ କରିଛନ୍ । ଇ ଅବ୍‌ସରେ ଜିଲ୍ଲା ସର୍କିଟ ହାଉସ୍‌ଠାନେ ମନ୍ତ୍ରୀ ଶ୍ରୀ ନାୟକ ଗୁଟେ ସମୀକ୍ଷା ବୈଠକ୍‌ଥି ଯୋଗ୍ ଦେଇଛନ୍ ।

ଦକ୍ଷିଣ ପୂର୍ବ ଏସିଆ ସମ୍ମିଲନୀ I&PR

ଭୁବ୍‌ନେଶ୍ୱର୍ ଠାନେ ଆଏବା କାଏଲ୍‌ଠାନୁ ଓଡ଼ିଶା ଆଉ ଦକ୍ଷିଣ ପୂର୍ବ ଏସିଆର୍ ଦେଶ୍‌ମାନ୍‌କର୍ ଭିତ୍‌ରେ ରହିଥିବା

ସାମାଜିକ୍, ସାହିତ୍ୟିକ୍, ସାଂସ୍କୃତିକ୍ ଆଉ ସଭ୍ୟତାଗତ ସମାନତାକେ ନେଇକରି ୨ ଦିନିଆ ଅନ୍ତର୍ଜାତୀୟ ସମ୍ମିଳନୀ ମୁଲ୍ ହେବା । 'କଳିଙ୍ଗ ଓ ଦକ୍ଷିଣ ପୂର୍ବ ଏସିୟ ରାଷ୍ଟ୍ରର ସଭ୍ୟତାଗତ ସଂଯୋଗ' ଶୀର୍ଷକ ସମ୍ମିଳନୀଥି ଓଡ଼ିଶା ସହେତେ ଭାରତ୍ ଆଉ ଦକ୍ଷିଣ ପୂର୍ବ ଏସିଆର୍ ଦେଶ୍ ମାନ୍‌କର୍ ଶିକ୍ଷାବିତ୍, ଗବେଷକ, ସାହିତ୍ୟିକ୍, ସଂସ୍କୃତିକ ଗବେଷକମାନେ ଯୋଗ୍ ଦେବେ ।

ସାବିତ୍ରୀ ଛୁଟି ସିଏମ୍‌ଓ

ଇ ବଛର୍ ସାବିତ୍ରୀ ଉଆଁସ୍ ଲାଗି ରାଜ୍ୟ ସରକାର ଆଏବା ୨୭ ତାରିଖ୍ ବଦ୍‌ଲେ ୨୬ ତାରିଖ୍ ଛୁଟି ଘୋଷ୍‌ନା କରିଛନ୍ । ଇ ବାବଦ୍ ପ୍ରସ୍ତାବ୍‌କେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଏଜ୍ ଅନୁମୋଦନ୍ କରିଛନ୍ । ସୂଚ୍‌ନା ଅନ୍‌ସାରେ ପୁରୀ ମୁକ୍ତି ମଣ୍ଡପ ଆଉ ଭିନ୍ ଭିନ୍ ପାଞ୍ଜି ଗଣନାକାରୀ ଅନୁଷ୍ଠାନ୍ ମାନଙ୍କର ସଙ୍ଗେ ବିଚାର୍ କର୍‌ବାର୍ ଉତ୍‌ରୁ ୨୭ ତାରିଖ୍ ବଦ୍‌ଲେ ୨୬ ତାରିଖ୍ ଦିନ ସାବିତ୍ରୀ ଉଆଁସ୍ ପାଲନ୍ କର୍‌ବାର୍‌କେ ନିଷ୍ପତି ନିଆଯାଇଛେ ।

ଶ୍ରୀମନ୍ଦିର୍ ଡ୍ରୋନ୍ ନିରୋଧୀ ବ୍ୟବସ୍ଥା       ଭୁବ୍‌ନେଶ୍ୱର୍
ସମ୍ବାଦଦାତା

ପୁରୀ ଶ୍ରୀମନ୍ଦିର୍‌ର ସୁରକ୍ଷା ଲାଗି ରାଜ୍ୟ ସର୍‌କାର୍ ଡ୍ରୋନ୍ ନିରୋଧୀ ଟେକ୍ନୋଲୋଜି ବେଭାର୍ କର୍‌ବାର୍‌କେ ବିଚାର୍ କରୁଛନ୍ ବଲି   ଆଇନ୍‌ମନ୍ତ୍ରୀ ପୃଥ୍ୱୀରାଜ୍ ହରିଚନ୍ଦନ୍ କହିଛନ୍ । ସେ କହିଛନ୍, ଶ୍ରୀମନ୍ଦିର୍ ସୁରକ୍ଷାର ଭିନ୍ ଭିନ୍ ଦିଗ୍‌କେ ନେଇକରି ପୁଲିସ୍ ବିଭାଗ୍ ସଙ୍ଗେ ଆଲୋଚନା କରାଯାଉଛେ । ଦର୍‌କାର୍ ପଡ଼୍‌ଲେ ଶ୍ରୀମନ୍ଦିର୍ ସୁରକ୍ଷାଥି ଡ୍ରୋନ୍ ନିରୋଧୀ ବ୍ୟବସ୍ଥା ଭିଲ୍ ବେଭାର୍ କରାଯିବା  ।

ରଥଯାତ୍ରା - ଆଇନ୍ ବିଭାଗ୍ ସାହାଜ୍      ଭୁବ୍‌ନେଶ୍ୱର୍
ସମ୍ବାଦଦାତା

ରାଜ୍ୟର୍ ଭିନ୍ ଭିନ୍ ଇଲାକାର୍ ପ୍ରମୁଖ ରଥଯାତ୍ରାମାନ୍‌କୁ ଆଇନ୍ ବିଭାଗ୍ ଆର୍ଥିକ୍ ସାହାଜ୍ ଯୁଗେଇ ଦେବା ବଲି ବିଭାଗୀୟ ମନ୍ତ୍ରୀ ପୃଥ୍ୱୀରାଜ୍ ହରିଚନ୍ଦନ୍ କହିଛନ୍ । ସେ କହିଛନ୍, ଦେବୋତର ଆଇନ୍ ଅଧୀନ୍‌ଥି ଥିବା ରାଜ୍ୟର୍ ଜଗନ୍ନାଥ୍ ମନ୍ଦିର୍ ମାନ୍‌କୁ ରଥଯାତ୍ରା ଲାଗି ଇ ସାହାଜ୍ ମିଲ୍‌ବା । ଇଥିର୍‌ଲାଗି ବିଭାଗ୍ ପାଖେ ଆଘୋନୁ ବହୁତ୍‌ଟେ ଆବେଦନ୍

ଆସିଛେ । ସବୁକେ ବିଚାର୍ କରାଯାଇକରି ପ୍ରମୁଖ ରଥଯାତ୍ରାମାନ୍‌କୁ ସାହାଜ୍ କର୍‌ବାର୍‌କେ ବିଭାଗ୍ ଚିନ୍ତା କରୁଛେ ବଲି ଶ୍ରୀ ହରିଚନ୍ଦନ୍ କହିଛନ୍ ।

ରାଜ୍ୟ ଖାଦ୍ୟ କମିଶନ୍ ଅଧ୍ୟକ୍ଷ-ନୂଆପଡ଼ା/ନୂଆପଡ଼ା ସମ୍ବାଦଦାତା

ରାଜ୍ୟ ଖାଦ୍ୟ କମିଶନ୍ ଅଧ୍ୟକ୍ଷ ଅବନୀକାନ୍ତ ସାହୁ ଆଏଜ୍ ନୂଆପଡ଼ା ସର୍କିଟ୍ ହାଉସ୍ ଠାନେ ଜିଲ୍ଲା ନ ଚାଲିଥିବା ଯୋଗାଣ ବ୍ୟବସ୍ଥାର୍ ଥିତି ସମୀକ୍ଷା କରିଛନ୍ । ବୈଠକ୍‌ଥି ଜିଲ୍ଲାପାଲ୍ ମଧୁସୂଦନ୍ ଦାସ୍‌ଙ୍କର୍ ସହେତେ ଅଲ୍‌ଗା ଜିଲ୍ଲାସ୍ତରୀୟ ଅଧିକାରୀମାନେ ଯୋଗ୍ ଦେଇକରି ଜିଲ୍ଲା ନ ହଉଥିବା ଖାଦ୍ୟ ବଂଟନ୍ ପ୍ରକ୍ରିୟାର୍ ଟିକ୍‌ନିକ୍ ଥିତି ଅଧ୍ୟକ୍ଷ ଶ୍ରୀ ସାହୁଙ୍କୁ ଜନେଇଥିଲେ । ନୂଆପଡ଼ା ଦାଦନ୍ ପ୍ରବଣ ଜିଲ୍ଲା ହେଇଥିବାର୍‌ନୁ ସେମାନ୍‌କର୍ କଲ୍ୟାଣ୍ ଲାଗି ନିଆଯାଉଥିବା ପଦକ୍ଷେପ୍ ବାବ୍‌ଦେ ଭିଲ୍ ସୂଚ୍‌ନା ଦେଇଥିଲେ ।

ସ୍ୱାସ୍ଥ୍ୟ ସଚେତନତା ବୈଠକ ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲାପାଲ୍ଙ୍କର୍ କାର୍ଯ୍ୟାଳୟ ନ ଜିଲ୍ଲାସ୍ତରୀୟ ସ୍ୱାସ୍ଥ୍ୟ ସଚେତନତା ବୈଠକ୍ ହେଇଯାଇଛେ । ଜିଲ୍ଲାପାଲ୍ ସୁବ୍ରତ୍ କୁମାର୍ ପଣ୍ଡାଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ବୈଠକ୍ଥି ଏଛନିର୍ କରୋନା ଥିତିକେ ନେଇକରି ଲୁକ୍କୁ କେନ୍ତାକରି ସଚେତନ୍ କରାଯିବା ସେ ବାବ୍ଦେ ଆଲୋଚନା କରାଯାଇଥିଲା । ଇତାର୍ସହେତେ ବର୍ଷା ସମିଆଥି ଜଲବାହିତ ରୋଗ୍ନୁ ରକ୍ଷା ପାଏବାର୍ ଲାଗି ଲୁକ୍କୁ ସଚେତନ୍ କର୍ବାର୍କେ ଜିଲ୍ଲାପାଲ୍ ଅଧିକାରୀମାନ୍କୁ ନିର୍ଦ୍ଦେଶ୍ ଦେଇଛନ୍ ।

ବିପର୍ଯ୍ୟୟ ପରିଚାଲନା କମିଟି ବୈଠକ   ବର୍ଗଡ୍ ସମ୍ବାଦଦାତା

ବର୍ଗଡ୍ ଜିଲ୍ଲାପାଲ୍ ଆଦିତ୍ୟ ଗୋୟଲ୍ଙ୍କର୍ ଅଧ୍ୟକ୍ଷତାଥି ଆଏଜ୍ ଜିଲ୍ଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ ପରିଚାଲନା କମିଟିର୍ ବୈଠକ୍ ହେଇଯାଇଛେ । ଆଏବା ବର୍ଷା ସମିଆଥି ବନ୍ୟା ବାତ୍ୟା ବାଗିର୍ ଜରୁରୀ ଥିତିର୍ ମୁକାବିଲା କର୍ବାର୍ ସହେତେ ଶୂନ୍ୟ ମୃତ୍ୟୁ ସୁନିଶ୍ଚିତ୍ କର୍ବାର୍ ଲାଗି ବୈଠକ୍ଥି ଜୋର୍ ଦିଆଯାଇଥିଲା । ଇଥିର୍ଲାଗି ବିଭାଗୀୟ ଅଧିକାରୀ ଆଉ କ୍ଷେତ୍ର କର୍ମଚାରୀମାନେ ସତର୍କ ରହିକରି ଜିଲ୍ଲାର୍ ବନ୍ୟା ଆଉ ତଳି ଇଲାକାମାନ୍କେ ଆଗ୍ତୁରା ଉଦ୍ଧାର୍ କାମ୍

ଆଉ ଥଇଥାନ୍ ଦିଗେ କାମ୍ କର୍‌ବାର୍‌କେ ଜିଲ୍ଲାପାଲ୍ ନିର୍ଦ୍ଦେଶ୍ ଦେଇଛନ୍ ।

ଧନୁଯାତ୍ରା-ବୈଠକ୍ ବର୍‌ଗଡ଼୍ ସମ୍ବାଦଦାତା

ବର୍‌ଗଡ଼୍ ଜିଲ୍ଲାପାଲ୍‌ଙ୍କର୍ ସମ୍ମିଲନୀ କକ୍ଷ ଠାନେ ଧନୁଯାତ୍ରା ମହୋତ୍ସବ୍ ସାଧାରଣ୍ ଆଉ କାର୍ଯ୍ୟନିର୍ବାହୀ କମିଟିର୍ ବୈଠକ୍ ହେଇଯାଇଛେ । ବୈଠକ୍‌ଥି ଇ ବଛର୍ ଧନୁଯାତ୍ରା ସଫଳତାର୍ ସହେତେ ସାର୍‌ବାର୍ ଉତ୍‌ରୁ ତାର୍ ଖର୍ଚ୍ଚା ବାବ୍‌ଦେ ଆଲୋଚନା କରାଯାଇଥିଲା । ଇ ଅବ୍‌ସରେ ଧନୁଯାତ୍ରା ଉପ୍‌ରେ ତିଆରି ପ୍ରାମାଣିକ ଚଳଚ୍ଚିତ୍ର ଆଉ କଫି ଟେବୁଲ୍ ବୁକ୍ ଉନ୍ମୋଚିତ୍ ହେଇଛେ । ବୈଠକ୍‌ଥି ଜିଲ୍ଲାପାଲ୍‌ଙ୍କର୍ ସହେତେ ବର୍‌ଗଡ଼୍, ଅତାବିରା, ପଦମ୍‌ପୁର୍ ବିଧାୟକ୍, ଜନପ୍ରତିନିଧି ଆଉ ଅଧିକାରୀମାନେ ଯୋଗ୍ ଦେଇଥିଲେ ।

ବଲାଙ୍ଗିର୍ ଧାନ୍ ଘିନା ବଲାଙ୍ଗିର୍ ସମ୍ବାଦଦାତା

ବଲାଙ୍ଗିର୍ ଜିଲ୍ଲାର୍ ଭାଲେର୍ ପେକ୍ସ ଠାନେ ଅତିରିକ୍ତ ଜିଲ୍ଲାପାଲ୍ ପବିତ୍ର ବେହେରା ଆଏଜ୍ ଡାଲୁଆ ଧାନ୍ ଘିନା ଶୁଭାରମ୍ଭ

କରିଛନ୍ । ଇ ଖେଡ଼ ଜିଲ୍ଲାର୍ ଶହେ ୮ ଟା ପେକ୍ସ ଜରିଏ ୨ ଲାଖ୍ ୫୭ ହଜାର୍ ୮ ଶହ କୁଇଂଟାଲ୍ ଧାନ୍ ୧୧ ହଜାର୍ ୬ ଶହ ୪୭ ଝନ୍ ଚାଷୀଙ୍କରନୁ ଘିନାଯିବା ବଲି ଶ୍ରୀ ବେହେରା କହିଛନ୍ ।

ପାଣିପାଗ ଆର୍ଏନ୍ୟୁ/ ସମ୍ବଲପୁର

ରାଜ୍ୟର୍ କେତେଟା ଜାଗା ନ ଆଏଜ୍ କାଲ୍ବୈଶାଖୀ ବର୍ଷା ହେଇଛେ । ଭୁବ୍ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ରର୍ ସୂଚ୍ନା ଅନ୍ସାରେ ବଙ୍ଗୋପ୍ସାଗର୍ର ପଶ୍ଚିମ କେନ୍ଦ୍ରୀୟ ଆଉ ତାର୍ ପାଖର୍ ଉତର୍ ଇଲାକା ନ ଆଏବା ୨୭ ତାରିଖ୍ ଗୁଟେ ଲଘୁଚାପ୍ କ୍ଷେତ୍ର ସୃଷ୍ଟି ହେଇପାରେ । ଇତାର୍ ପ୍ରଭାବ୍ଥି ଆଏବା ୫ ଦିନ୍ତକ୍ ରାଏଜେ ବର୍ଷା ହେବାର୍ ସମ୍ଭାବନା ରହିଛେ । ଆଏବା ୨୪ ଘଂଟା ଭିତ୍ରେ ରାଜ୍ୟର୍ ବଡ଼ଭାଗୀ ଜାଗା ନ ଘଡ୍ଘଡ଼ି ସହେତେ ବର୍ଷା ହେଇପାରେ ବଲି ପାଣିପାଗ୍ କେନ୍ଦ୍ର ଅନୁମାନ୍ କରିଛେ ।